# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 August - 2024**

**News Editor : *Itishree Singh Rathaur***

---

***PIB***

## ପ୍ରଧାନମନ୍ତ୍ରୀ - ଲକ୍ଷପତି ଦିଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶର ୧୧ ଲକ୍ଷ ଲକ୍ଷପତି ଦିଦିଙ୍କ ସହିତ ଭାବ ବିନିମୟ କରି ସେମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିବେ । ମହାରାଷ୍ଟ୍ରର ଜଲଗାଓଁଠାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅଢ଼େଇ ହଜାର କୋଟି ଟଙ୍କାର ପାଣ୍ଠି ଜାରି କରିବେ । ଏହାଦ୍ୱାରା ଦେଶରେ ୪୮ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ପ୍ରଧାନମନ୍ତ୍ରୀ ୫ ହଜାର କୋଟି ଟଙ୍କାର ବ୍ୟାଙ୍କ୍ ଋଣ ଜାରି କରିବାର ମଧ୍ୟ ଯୋଜନା ରହିଛି । ଏହାଦ୍ୱାରା ୨୫ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ସଦସ୍ୟମାନେ ଲାଭବାନ ହେବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକର ମହିଳା ହିତାଧିକାରୀମାନେ ସାମିଲ ହେବେ। ଓଡ଼ିଶାର ୯୭ ହଜାର ୨୦୦ ଲକ୍ଷପତି ଦିଦିଙ୍କୁ ପ୍ରଧାନମନ୍ତ୍ରୀ ଆଜି ପ୍ରମାଣପତ୍ର ବାଣ୍ଟିବେ ।

## ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ମନ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ

ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, ଦୂରଦର୍ଶନ News, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Streaming ହେବ । ମନ୍ କି ବାତ୍ ପ୍ରସାରଣ ପରେ ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରିବ । ପୁଣି ଥରେ ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରାଯିବ ।

# ୟୁନିଫାଇଡ୍ ପେନ୍‌ସନ୍ ଯୋଜନା

ସରକାରୀ କର୍ମଚାରୀଙ୍କ ପାଇଁ କେନ୍ଦ୍ର ସରକାର ଏକକୀକୃତ୍ ପେନ୍‌ସନ୍ ଯୋଜନା-ୟୁପିଏସ୍ କୁ ମଞ୍ଜୁରୀ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ଅନୁସାରେ ଏହି ଯୋଜନାରେ କେନ୍ଦ୍ର ସରକାରଙ୍କ ୨୩ଲକ୍ଷ କର୍ମଚାରୀ ଉପକୃତ ହେବେ । ଏହି ପେନ୍‌ସନ ଯୋଜନାରେ  ସରକାରୀ କର୍ମଚାରୀ ମାନଙ୍କୁ ନିଶ୍ଚିତ ପେନସନ ମିଳିବା ସହିତ ପାରିବାରିକ ପେନସନ୍‌କୁ ସୁନିଶ୍ଚିତ କରାଯାଇଛି । ନୂଆ ପେନ୍‌ସନ ଯୋଜନାରେ ଜଣେ ସରକାରୀ କର୍ମଚାରୀ ୨୫ବର୍ଷ କାର୍ଯ୍ୟ କରିଥିଲେ ତାଙ୍କୁ ମୂଳ ଦରମାର ୫୦ପ୍ରତିଶତ ପେନସନ୍ ଆକାରରେ ଦିଆଯିବ । ସେହିଭଳି ଅତି କମ୍‌ରେ ୧୦ବର୍ଷ ଚାକିରି କରି ଅବସର ନେଇଥିବା କର୍ମଚାରୀ ଜଣଙ୍କୁ  ସର୍ବନିମ୍ନ ୧୦ହଜାର ଟଙ୍କା ପେନ୍‌ସନ୍ ଆକାରରେ ମିଳିବ । ପାରିବାରିକ ପେନସନ୍ ଅଧୀନରେ ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ଘଟିଲେ ସେ ପାଉଥିବା ପେନ୍‌ସନ୍‌ର ୬୦ ପ୍ରତିଶତ ପରିବାରକୁ ମିଳିବ । ୨୦୦୪ ମସିହାରୁ କେନ୍ଦ୍ର ସରକାର ଲାଗୁ କରିଥିବା ନ୍ୟାସନାଲ ପେନ୍‌ସନ୍ ସିଷ୍ଟମ-ଏନପିଏସ୍ ଏବଂ

ବର୍ତ୍ତମାନର ୟୁପିଏସ୍ ପେନସନ୍ ଯୋଜନା ମଧ୍ୟରୁ ଯେକୌଣସି ଗୋଟିଏ ଯୋଜନାକୁ କର୍ମଚାରୀମାନେ ବାଛିପାରିବେ । ନୂଆ ପେନସ୍‌ନ ଯୋଜନା ୨୦୨୫ ମସିହା ଏପ୍ରିଲ ପହିଲାରୁ ଲାଗୁ ହେବ ।

## ସୁଭଦ୍ରା ଯୋଜନା-ଉପମୁଖ୍ୟମନ୍ତ୍ରୀ

ସୁଭଦ୍ରା ଯୋଜନାରେ ସହାୟତା ପାଇବା ପାଇଁ ସାମାଜିକ ସୁରକ୍ଷା ଭତ୍ତା ପାଉଥିବା ବିଧବା ମହିଳା, ଭିନ୍ନକ୍ଷମ ମହିଳା, କଳାକାର ଭତ୍ତା ପାଉଥିବା ମହିଳା ଏବଂ ୨୧ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରୀମାନେ ଲାଭ ପାଇପାରିବେ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ପୁରୀଠାରେ ବିଜେପିର ଏକ ଜିଲ୍ଲାସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳାରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି, ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ୮ତାରିଖ ସୁଦ୍ଧା ୨୧ବର୍ଷର ମହିଳା ଏବଂ ଛାତ୍ରୀମାନଙ୍କୁ ସୁଭଦ୍ରା ଯୋଜନାର ଲାଭ ମିଳିବ ।  ଶ୍ରୀମତୀ ପରିଡା କହିଛନ୍ତି, ଆସନ୍ତା ମାସ ସେପ୍ଟେମ୍ବର ୧୭ତାରିଖରେ ପ୍ରଥମ ପର୍ଯ୍ୟାୟରେ ୪୦ଲକ୍ଷ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସହାୟତା ରାଶି ଦିଆଯିବ ।

## ଜନଶୁଣାଣି

ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆସନ୍ତାକାଲି ଜନଶୁଣାଣୀ ବନ୍ଦ କରିବ । ସରକାରୀ ଛୁଟି ଥିବାରୁ ଜନଶୁଣାଣୀ ବନ୍ଦ ରହିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଆସନ୍ତା ୩୦ତାରିଖରେ ଅନୁଷ୍ଠିତ ହେବ । ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକ ଚଳିତ ପରିଚାଳନା କମିଟିର ଶେଷ ବୈଠକ ହେବ । ବୈଠକରେ ୨୦୨୪-୨୫ବର୍ଷର ବଜେଟ ଅନୁମୋଦନ ସହ ରଥଯାତ୍ରା ସମୟରେ ଘଟିଥିବା ଅଘଟଣର ତଦନ୍ତ ରିପୋର୍ଟ ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯିବ ବୋଲି ଜଣାପଡିଛି ।

# କୃଷି ନିର୍ଦ୍ଧାରଣ କମିଟି ବୈଠକ

ଢେଙ୍କାନାଳ ଜିଲ୍ଲାର କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ୯୧ହଜାର ୮୫୦ହେକ୍ଟର ଜମିରେ ଧାନଚାଷ ଏବଂ  ୯୩ହଜାର ୪୩୦ହେକ୍ଟର ଜମିରେ ଅନ୍ୟାନ୍ୟ ଫସଲ ଚାଷ କରାଯାଉଛି ବୋଲି ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କହିଛନ୍ତି । ଚଳିତ ବର୍ଷ ଜିଲାରେ ଖରିଫ ଋତୁରେ ୩୫ହଜାର ୬ଶହ ହେକ୍ଟର ଜମିରେ ଡାଲି ଜାତୀୟ, ୧୪ହଜାର ଶହେ ହେକ୍ଟର ଜମିରେ ତୈଳବୀଜ, ୬୫୦ହେକ୍ଟର ଜମିରେ ଆଖୁଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି ।

# ପାଣିପାଗ

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତାକାଲି ସୁଦ୍ଧା ଲଘୁଚାପରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ  ଆଜି ରାଜ୍ୟର ଅଧିକାଂଶ ଜିଲ୍ଲାରେ

ବର୍ଷାର ସମ୍ଭାବନା ଅଛି। ବିଶେଷକରି ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ଅନୁମାନ କରାଯାଇଛି । ଏହା ସହିତ ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲାର କେତେକ ସ୍ଥାନରେ ମଧ୍ୟ ଆଜି ଅଧିକ ପରିମାଣର ବର୍ଷା ହେବାର ସମ୍ଭାବନା ଅଛି। ପାଣିପାଗ ବିଜ୍ଞାନୀମାନଙ୍କର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ଦୁଇ ସପ୍ତାହରେ ରାଜ୍ୟରେ ସମୁଦାୟ ବର୍ଷାର ପରିମାଣ ସ୍ୱାଭାବିକଠାରୁ ଅଧିକ ରହିବ। ରାଜ୍ୟର ଉପକୂଳ, ପଶ୍ଚିମ ଓ ଉତ୍ତର ଭାଗରେ ଅଧିକ ବର୍ଷାର ସମ୍ଭାବନା ରହିଛି।